# ସପ୍ତଶଯ୍ୟା ସମ୍ମାନ ପାଇବେ ପଦ୍ମଶ୍ରୀ ଦର୍ଶନା ଜାଭେରୀ

ଢେଙ୍କାନାଳ,୩।୬(ସମିସ): ସ୍ଥାନୀୟ ଦେବାଂଶୀ ଡାନ୍ସ ଏକାଡେମୀ ଦ୍ୱାରା ପରିଚାଳିତ ସପ୍ତଶଯ୍ୟା ମହୋତ୍ସବ ଆସନ୍ତା ୯ ଓ ୧୦ ତାରିଖ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଏଥିରେ ପଦ୍ମଶ୍ରୀ ଗୁରୁ ଦର୍ଶନା ଜାଭେରୀଙ୍କୁ ମଣିପୁରୀ ନୃତ୍ୟ ଓ ସଂସ୍କୃତି କ୍ଷେତ୍ରକୁ ତାଙ୍କ ଅବଦାନ ପାଇଁ ସପ୍ତଶଯ୍ୟା ସମ୍ମାନରେ ସମ୍ମାନିତ କରାଯିବ ବୋଲି ସୂଚନା ମିଳିଛି। ଜୀବନବ୍ୟାପୀ ସାଧନା ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର, ଚଳଚ୍ଚିତ୍ର କ୍ଷେତ୍ରରେ ନିର୍ଦ୍ଦେଶକ ହିମାଂଶୁ ପରିଜା, ସଙ୍ଗୀତରେ ପ୍ରଶାନ୍ତ ପାଢ଼ୀ, ଅଭିନୟ ପାଇଁ ଅସିତ ପତି ଓ ପ୍ରିୟଙ୍କା ମହାପାତ୍ର, ଓଡ଼ିଶୀ ନୃତ୍ୟ ପାଇଁ ଅନିତା ସିଂଦେଓ, ଯାତ୍ରା ପାଇଁ ଡଲି ଭୂୟାଁ ଏବଂ ମହିଳା ଉଦ୍ୟୋଗୀ ସୁକୀର୍ତ୍ତି ପଟ୍ଟନାୟକଙ୍କୁ ମଧ୍ୟ ସମ୍ମାନିତ କରାଯିବ। ଏହାଛଡ଼ା ଯୁବ ପ୍ରତିଭା ସ୍ୱରାଜ ବାରିକ ଓ ସୂର୍ଯ୍ୟମୟୀ ମହାପାତ୍ରଙ୍କୁ ଅଭିନୟ, ନାଜିଆ ଆଲମ ଓ ରାମଚନ୍ଦ୍ର ବେହେରାଙ୍କୁ ସଙ୍ଗୀତ, ରାହୁଲ ଆଚାର୍ଯ୍ୟଙ୍କୁ ଓଡ଼ିଶୀ ନୃତ୍ୟ ଓ ଜୟା ବିଶ୍ୱାସଙ୍କୁ ପାଶ୍ଚାତ୍ୟ ନୃତ୍ୟ, ସଂଗ୍ରାମ ସମ୍ପର୍କଙ୍କୁ ଉଦଘୋଷକ ଏବଂ ସବ୍ୟସାଚୀ ଶତପଥୀଙ୍କୁ ଡିଜାଇନ ପାଇଁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ତରଫରୁ ଘୋଷଣା କରାଯାଇଛି। ଏହି ମହୋତ୍ସବରେ ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ନେଇ ଗୁରୁ ଗୌରୀଶଙ୍କର ଦାଶଙ୍କ ନିର୍ଦ୍ଦେଶନାରେ ବାରମାସରେ ତେର ପର୍ବ ଦଳଗତ ନୃତ୍ୟ ପରିବେଷଣ କରାଯିବା ସହ ଜାଗୃତି ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଓଡ଼ିଶୀ ନୃତ୍ୟ, ଦି' ବ୍ଲସ ଅନୁଷ୍ଠାନ ଦ୍ୱାରା ଫ୍ୟାଶନ ଶୋ' ଏବଂ ଓଡ଼ିଶାର ବରିଷ୍ଠ ଗାୟିକାମାନଙ୍କ ଦ୍ୱାରା ପୁରାତନ ସଙ୍ଗୀତ ପରିବେଷଣ ହେବ। ଦେବାଂଶୀ ଡାନ୍ସ ଏକାଡେମୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ କରାଯିବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୌରୀଶଙ୍କର ଦାଶ ସୂଚନା ଦେଇଛନ୍ତି। ସୁନାମଧନ୍ୟ ଉପସ୍ଥାପକ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିବେ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।



# କପିଳାସ ମନ୍ଦିର ସିଂହଦ୍ୱାର ସମ୍ମୁଖ ପାଣି ଟ୍ୟାପ୍ ଅଚଳ

● ଶ୍ରଦ୍ଧାଳୁଙ୍କ ଅସନ୍ତୋଷ

ଗଁଦିଆ,୩।୬(ସମିସ): ଢେଙ୍କାନାଳ ଜିଲ୍ଲାର କପିଳାସ ପୀଠରେ ପୂଜିତ ବାବା ଚନ୍ଦ୍ରଶେଖର ପୀଠ ଭାରତ ବର୍ଷରେ ଥିବା ପ୍ରସିଦ୍ଧ ଶୈବ ପୀଠ ମାନଙ୍କ ମଧ୍ୟରେ ଅନ୍ୟତମ ଅଟେ। ବର୍ତ୍ତମାନ ଯେପରି ଭାବେ ଗ୍ରୀଷ୍ମର ପ୍ରକୋପ ଜାରି ରହିଛି ତାହା ଜନସାଧାରଣ ମାନଙ୍କ ପ୍ରତି ଅସହ୍ୟ ଥିବା ବେଳେ ତଥାପି ଠାକୁର ଙ୍କର ଦର୍ଶନ ନିମନ୍ତେ ଭକ୍ତ ଟିଏ ଠାରୁ ଆରମ୍ଭ କରି ପବିତ୍ର କପିଳାସ ପୀଠକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀ ଚନ୍ଦ୍ରଶେଖର ଜିଉଙ୍କ ଦର୍ଶନ ପାଇଁ ଆସୁଛନ୍ତି। ଉକ୍ତ କପିଳାସ ପୀଠର ମୁଖ୍ୟ ସିଂହ ଦ୍ୱାର ନିକଟରେ ଶ୍ରଦ୍ଧାଳୁ ମାନଙ୍କ ସୁବିଧା ନିମନ୍ତେ ପିଇବାପାଣି ପାଇଁ ଦେବୋତର ପ୍ରଶାସନ ତରଫରୁ ପାଣି ଟ୍ୟାପ ଲାଗିଛି। କିନ୍ତୁ ଉକ୍ତ ଟ୍ୟାପରେ ଅନେକ ସମୟରେ ପିଇବା ପାଣି ଉପଲବ୍ଧ ହେଉ ନଥିବାର ଶ୍ରଦ୍ଧାଳୁ ମାନେ ଆଜି ଅଭିଯୋଗ କରିଛନ୍ତି। କିନ୍ତୁ ଦୁଃଖର କଥା ଦେବୋତର ବିଭାଗରେ କାର୍ଯ୍ୟରତ ବାବୁ ମାନେ ଢ଼େଙ୍କାନାଳରେ ପ୍ରଚଣ୍ଡ ଖରାରେ ଅଫିସ ରୁମ ଏସସିରେ ବସି ହାଇ ମାରୁଥିବା ବେଳେ କିନ୍ତୁ ଶ୍ରଦ୍ଧାଳୁ ମାନଙ୍କ ଦୁଃଖ ବୁଝିବାକୁ କପିଳାସ ପୀଠରେ କେହି ନାହାନ୍ତି। ନୂତନ ଭାବେ ଯୋଗ ଦେଇଥିବାଢେଙ୍କାନାଳ ଉପ ଜିଲ୍ଲାପାଳ ତଥା ଦେବୋତର ଅଧିକାରୀ ଦୃଷ୍ଟି ଦେଇ ଏହି ପାନୀୟ ଜଳ ସମସ୍ୟାର ସମାଧାନ କରିବା ସହିତ ଉକ୍ତ ଶୈବ ପୀଠରେ ଥିବା ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ କପିଳାସ ସୁରକ୍ଷା ପରିଷଦର ସଭାପତି ଗୁରୁ ଚରଣ ମହାପାତ୍ର ଅନୁରୋଧ କରିଛନ୍ତି।



# ରାସ୍ତାକଡ଼ରେ ଶୁଖିଲା ଗଛ, ପଥଚାରୀଙ୍କୁ ବିପଦ

ଗଁଦିଆ,୩।୬(ସମିସ): ଢେଙ୍କାନାଳ-ଭୁବନ ପୂର୍ତ୍ତବିଭାଗ ରାସ୍ତା ପାର୍ଶ୍ୱରେ ଶୁଖିଲା ଗଛ ବିପଦସଂକୁଳ ଅବସ୍ଥାରେ ରହିଛି। ଗଁଦିଆସ୍ଥିତ ଭାରତ ପଟ୍ରୋଲିୟମ ଟାଙ୍କି ନିକଟରେ ଏକ ଶୁଖିଲା ଗଛ ରହିଛି। ଏହା କେତେବେଳେ ଭାଙ୍ଗିପଡ଼ି ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି। ଏହି ରାସ୍ତା ଦେଇ ଶତାଧିକ ଗାଡ଼ି ଚଳାଚଳ କରୁଥିବା ବେଳେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଯାତାୟାତ କରିଥାନ୍ତି। କାଳବୈଶାଖୀ ଝଡ଼ ତୋଫାନରେ ଗଛଗୁଡ଼ିକ ଭାଙ୍ଗିପଡ଼ିବା ସମ୍ଭାବନା ଥିବାରୁ ସାଧାରଣରେ ଭୟ ସୃଷ୍ଟି ହୋଇଛି। ବନବିଭାଗ ଅବା ଓଡ଼ିଶା ବନ ଉନ୍ନୟନ ନିଗମ ଗଛ ହଟାଇବାକୁ ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ଶୁଖିଲା ଗଛ ହଟାଇବାକୁ ସାଧାରଣରେ ଦାବି ହୋଇଛି।



## ଆଦିବାସୀ ଅଧ୍ୟୁଷିତ ଗାଁର ବିକାଶରେ ପ୍ରତିବନ୍ଧକ ସାଜିଛି ପ୍ରଶାସନ

# ଯନ୍ତ୍ରଣା ଦେଉଛି ଗମ୍ଭାରିଆ ନାଳ

ପରଜଙ୍ଗ,୩।୬(ସମିସ)



ଆଦିବାସୀ ଅଧ୍ୟୁଷିତ ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତ ଝରାପାଳ ଓ ଭେରୁବଣିଆ ବସ୍ତିର ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏଠାରେ ପୋଲ କି ଗମନାଗମନ ସୁବିଧା ନ ଥିବାରୁ ଲୋକେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରହୁଥିବା ବେଳେ ଭରା ନାଳରେ ପ୍ରସୂତି ମହିଳାଙ୍କୁ ଖଟିଆରେ ବୋହି ଦୁଇ କିଲୋମିଟର ନେବା ପରେ ଆମ୍ବୁଲାନ୍ସ ସେବା ମିଳିଥାଏ। ଏପରି ଘଟଣା ପ୍ରତ୍ୟେକ ବର୍ଷ ଦେଖିବାକୁ ମିଳୁଥିବାବେଳେ ବସ୍ତିରେ ମୌଳିକ ସୁବିଧା ଯୋଗାଇ ଦେବାରେ ପ୍ରଶାସନ ବିଫଳ ହୋଇଛି। ଉଭୟ ବସ୍ତିବାସିନ୍ଦାଙ୍କ ପାଇଁ ବାଟ ଓଗାଳୁଥିବା ଗମ୍ଭାରୀଆ ନାଳ ଉପରେ ପୋଲ ନିର୍ମାଣ ପାଇଁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତିକୁ ନେଇ ଅଭିଶପ୍ତ ଜୀବନ ବିତାଉଥିବା ବସ୍ତିବାସିନ୍ଦା ସେହିପରି ଚାହିଁ ବସିଛନ୍ତି ପଛେ ବେଦନାକୁ କେହି ବୁଝୁ ନଥିବା ପ୍ରକାଶ କରିଛନ୍ତି।

ଉଭୟ ବସ୍ତିରୁ ମୁଖ୍ୟ ଦୁମୁଁହାଣି ଗ୍ରାମକୁ ଯିବା ପାଇଁ ଘଞ୍ଚ ଜଙ୍ଗଲ ଦେଇ ଦୁଇ କିଲୋମିଟର ବିଲହୁଡ଼ା ରାସ୍ତା ଏକମାତ୍ର ବିକଳ୍ପ ଥିଲା। ଏନେଇ ବାରମ୍ବାର ଅଭିଯୋଗ ପରେ ଝରାପାଳ ବସ୍ତିକୁ ବ୍ଲକ ପ୍ରଶାସନ ପକ୍ଷରୁ ୭ ଲକ୍ଷ ଟଙ୍କା ବ୍ୟୟବରାଦ କରିଥିଲା। ତେବେ ଠିକାଦାର ଏବଂ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଉଦାସୀନତା ଯୋଗୁଁ ମାଟି ଉପରେ ମୋରମ ବିଛାଇବା ପରିବର୍ତ୍ତେ କେବଳ ମାଟି ପକାଇ ସରକାରୀ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ବର୍ଷାରେ ଦୁମୁହାଣି ପୋଖରୀ ରାସ୍ତା ସମ୍ପୂର୍ଣ୍ଣ ଧୋଇଯାଇଥିଲା। ବସ୍ତିକୁ ବିଦ୍ୟୁତ୍ ସେବା ପାଇଁ ଟ୍ରାନ୍ସଫର୍ମର ବସିଛି। ହେଲେ ବିଦ୍ୟୁତ ବିଭାଗର ଅପାରଗତା ଆଜିପର୍ଯ୍ୟନ୍ତ ଖୁଣ୍ଟ ପଡ଼ିପାରିନାହିଁ। ନଳକୂପରୁ ମାଟିଆ ପାଣି ବାହାରୁଥିବାରୁ ତାହା ବ୍ୟବହାର ଉପଯୋଗୀ ହେଉନାହିଁ। ଫଳରେ ଝରାପାଳ ବସ୍ତିବାସିନ୍ଦା ନାଳ ପାଣି ବ୍ୟବହାର କରୁଛନ୍ତି। ସେହିପରି ଭେରୁବଣିଆକୁ ପଞ୍ଚାୟତ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ପାଇଁ ଧାର୍ଯ୍ୟ ଥିବା ବେଳେ କିଛି ସ୍ଥାନୀୟ ଲୋକ ରାସ୍ତାକୁ ଜବରଦଖଲ କରି ରଖିଛନ୍ତି। ଫଳରେ ରାସ୍ତା ନିର୍ମାଣ ପାଇଁ ସମସ୍ୟା ଉପୁଜୁଥିବା ଅଭିଯୋଗ ହୋଇଛି। ଗତବର୍ଷ ଉକ୍ତ ବସ୍ତିର ନରେନ୍ଦ୍ର ଜରେଇଙ୍କ ଝିଅ ଝିଙ୍କି ଜରେଇ ଗର୍ଭ ଯନ୍ତ୍ରଣାରେ ଛଟପଟ ହୋଇଥିଲେ ମଧ୍ୟ ଘର ପାଖକୁ ଆମ୍ବୁଲାନ୍ସ ଆସି ନ ପାରିବାରୁ ଭରା ନାଳରେ ଖଟରେ ବୋହି ଘଞ୍ଚ ଜଙ୍ଗଲରେ ଦୁଇ କିଲୋମିଟର ଦୁମୁଁହାଣି ବିଦ୍ୟାଳୟ ପାଖକୁ ନେବା ପରେ ଆମ୍ବୁଲାନ୍ସ ଯୋଗେ ତାଳଚେର ଉପଖଣ୍ଡ ଚିକିତ୍ସାଳୟ ନିଆଯାଇଥିଲା। ବର୍ଷା ଦିନେ କୋମଳମତି ପିଲାମାନେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଇପାରୁନାହାନ୍ତି। ଆଦିବାସୀମାନଙ୍କୁ ସରକାର ସମସ୍ତ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଚାର ପ୍ରସାର କରୁଥିବା ବେଳେ ଆଖୁଆପାଳ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସରକାରଙ୍କ ପକ୍ଷରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ନିମନ୍ତେ ଆଖୁଆପାଳ ପଞ୍ଚାୟତ ମୋହନପଶି ଗ୍ରାମକୁ ଧରତିଆବା ଯୋଜନାରେ ସାମିଲ କରାଯାଇ ଉନ୍ନୟନ କାର୍ଯ୍ୟ କରିବା ପାଇଁ ଜିଲ୍ଲା ସାମାଜିକ ମଙ୍ଗଳ ବିଭାଗ ପକ୍ଷରୁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀଠାରୁ ଏକ ସପ୍ତାହ ଧରି ଆଲୋଚନାଚକ୍ର ଚାଲିଥିଲା। ଇତିମଧ୍ୟରେ ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଉନ୍ନତୀକରଣ ହୋଇ ନ ଥିବା ଅଭିଯୋଗ ହୋଇଛି।

## ଖଟିଆରେ ବୋହି ଦୁଇ କିଲୋମିଟର ନେବା ପରେ ମିଳୁଛି ଆମ୍ବୁଲାନ୍ସ ସେବା

ସେହିପରି ଦୀର୍ଘବର୍ଷ ଧରି ଝରାପାଳ ଓ ଭେରୁବଣିଆରେ ବାସ କରୁଥିବା ୩୫ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ଜିଲ୍ଲାପାଳଙ୍କ ନିକଟରେ ନିଜର ମୌଳିକ ସୁବିଧା ଯୋଗାଇ ଦେବାକୁ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ଚୁପ୍ ବସିଛି।

ଏ ସଂକ୍ରାନ୍ତରେ ପରଜଙ୍ଗ ବିଡିଓ କୁହନ୍ତି ଯେ ଝରାପାଳ ଏବଂ ଭେରୁବଣିଆ ପାଇଁ ସ୍ଥାନୀୟ ବିଧାୟକ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୋହନପଶି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଜିଲ୍ଲା କାର୍ଯ୍ୟାଳୟକୁ ଯାଇଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପଟେ ଗ୍ରାମବାସୀ ପୁନର୍ବାର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଗମନାଗମନ ସୁବିଧା ଯୋଗାଇଦେବାକୁ ଦାବି କରିଛନ୍ତି।

# ବଜ୍ରପାତରେ ଯୁବକ ମୃତ

ହିନ୍ଦୋଳ,୩।୬(ସମିସ): ହିନ୍ଦୋଳ ଉପଖଣ୍ଡ ରସୋଳ ଥାନା ବୁହାଳୀପାଳ ଗ୍ରାମରେ ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ସୁରେଶ ରାଉତଙ୍କ ପୁଅ ସମୀର ରାଉତ (୩୦)। ବୁଧବାର ଅପରାହ୍ନ ୪ଟାରେ ସମୀର ଗାଁ ନିକଟ ତାଙ୍କ ବଗିଚାକୁ ଯାଇଥିବାବେଳେ କାଳବୈଶାଖୀ ସହ ମେଘପବନ ହେବାରୁ ଏକ ଗଛ ନିକଟରେ ଆଶ୍ରୟ ନେଇଥିଲେ। ହଠାତ ସେଠାରେ ବଜ୍ରପାତ ହେବାରୁ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ସମୀରଙ୍କୁ ଉଦ୍ଧାର କରି ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବଜ୍ରପାତରେ ଜଳଗଲା ୬ ବଖରା

## ଶଶୁର-ବୋହୂ ଗୁରୁତର

## ଲକ୍ଷାଧିକ ଟଙ୍କାର ସୁନାରୁପା ନଷ୍ଟ

ଭୁବନ,୩।୬(ସମିସ): ଭୁବନ ଥାନା ଯମୁନାକୋଟ ଗ୍ରାମ ଜଗନ୍ନାଥ ପାଟଣା ସାହିରେ ବଜ୍ରପାତ ଘଟି ୬ ବଖରା ଘର ଜଳିଯାଇଛି। ଏଥିସହ ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ନଷ୍ଟ ହୋଇଛି। ଅଖିଳ ସାହାଣୀଙ୍କ ପରିବାର ଲୋକେ ସନ୍ଧ୍ୟାରେ ଘରେ ବସିଥିବା ବେଳେ କାଳବୈଶାଖୀ ପ୍ରଭାବରେ ବର୍ଷା ଓ ବଜ୍ରପାତ ହୋଇଥିଲା। ଅଖିଳଙ୍କ ଘର ଉପରରେ ବଜ୍ରପାତ ହୋଇଥିଲା। ଫଳରେ ଅଖିଳ ଓ ତାଙ୍କ ବୋହୂ ଚାନ୍ଦିନୀ ଗୁରୁତର ଆହତ ହୋଇଛନ୍ତି। ଭୁବନ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପୂର୍ବରୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ଅଖିଳଙ୍କୁ ଗୁରୁତର ଅବସ୍ଥାରେ କାମାକ୍ଷାନଗର ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ବେଳେ ଚାନ୍ଦିନୀଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ସରପଞ୍ଚ ରଞ୍ଜନ ବେହେରା ଘଟଣାସ୍ଥଳରେ ପହଞ୍ଚି ସହଯୋଗ କରିଛନ୍ତି।

■ ଇ-ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମେଧାବୀ ସମ୍ବର୍ଦ୍ଧନା ସମାରୋହ

# ସମ୍ବର୍ଦ୍ଧିତ ହେଲେ ୧୪୦ ଛାତ୍ରଛାତ୍ରୀ

ଢେଙ୍କାନାଳ,୩।୬(ସମିସ): ସହର ଉପକଣ୍ଠ ମଙ୍ଗଳପୁରସ୍ଥିତ ଇ-ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମେଧାବୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁରେଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ୧୪୦ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ ହୋଇଛନ୍ତି। ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନରେ ବିଦ୍ୟାଳୟର ପାର୍ଥସାରଥି ଖିଲାର ୬୦୦ରୁ ୫୯୮ (୯୯.୭%) ନମ୍ବର ରଖି ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ତାଙ୍କୁ ଷ୍ଟୁଡେଣ୍ଟ ଅଫ ଦି ଇୟର ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିସହ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଚଳିତ ବର୍ଷ ରେକର୍ଡ ୧୩୭ ଛାତ୍ରଛାତ୍ରୀ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଏଥି ସହିତ ରାଜ୍ୟର ଶ୍ରେଷ୍ଠ ୨୦ ଜଣଙ୍କ ମଧ୍ୟରେ ଏହି କଲେଜର ସୁଜିତ୍ କୁମାର ରଣା, ସ୍ୱାଭିମାନ୍ ବିଶ୍ୱାଳ, ସୁମିତ୍ରା ପ୍ରଧାନ, ବିନାୟକ ପାତ୍ର, ସ୍ମୃତିରଞ୍ଜନ ସାହୁ, ସୁପ୍ରିୟା ସାମଲ, ସୌରଭ ରାଉତ, ଦେବପ୍ରସାଦ ସାହୁ, ସୁଦର୍ଶନ ସାହୁ, ଜିତେନ୍ ବେହେରା, ପ୍ରଥମେଶ୍ ସାହୁ, ସ୍ମୃତିପ୍ରଜ୍ଞା ତ୍ରିପାଠୀ, ଜସମନ ସାହୁ, ବିମଳ କୁମାର ବାଇ, ଚିରଞ୍ଜୀବ ସାମଲ, ଶୁଭ୍ରଜିତ ମୁଦୁଲି, ସମ୍ବିତ ସାହୁ, ଅଭିଷେକ ବେହେରା, ପ୍ରଜ୍ଞା ପ୍ରିୟଦର୍ଶିନୀ ରାଉଳ ପ୍ରମୁଖ ରହିଛନ୍ତି। ଏମାନଙ୍କ ସମେତ ଅନୁଷ୍ଠାନର ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଉତ୍ତରୀୟ ସହ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।




ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ଉତ୍ସର୍ଗୀକୃତ ମନୋଭାବ ନେଇ ଅଧ୍ୟୟନ କଲେ ଅସମ୍ଭବ ମଧ୍ୟ ସମ୍ଭବ ହୋଇପାରେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରମେଶଚନ୍ଦ୍ର ସାହୁ ଯୋଗଦେଇ ଶିକ୍ଷା ସମସ୍ତଙ୍କ ପାଇଁ ଅର୍ଥସର୍ବସ୍ୱ ନୁହେଁ ବରଂ ସାମାଜିକ ସଂସ୍କାରର ବାର୍ତ୍ତାବହ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଙ୍ଗଳପୁର ସରପଞ୍ଚ ଲୀନା ଦାସ, ସମିତି ସଭ୍ୟ ପ୍ରଶାନ୍ତ ବେହେରା, ଜୋରନ୍ଦା ମହିମା ମହାବିଦ୍ୟାଳୟର ଅଧ୍ୟାପକ ଜିତେନ୍ଦ୍ରିୟ ଶତପଥୀ, ହିନ୍ଦୋଳ ରୋଡ୍ ମହାବିଦ୍ୟାଳୟର ଅଧ୍ୟାପକ ମନୋଜ କୁମାର ରାଉତ, ଇ-ଟେକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସାରଦା ପ୍ରସାଦ ମହାନ୍ତି, ଇ-ଟେକ୍ର ଉପାଧ୍ୟକ୍ଷ ଅନିଲ କୁମାର ଗୋଛାୟତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଗ୍ରହଣ କରିବା ସହ ନୈତିକ ଚରିତ୍ର ଗଠନ ଉପରେ ଇ-ଟେକ୍ର ସମ୍ପାଦିକା ସାଗରବାଳା ହୋତା ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ସୁରେଶ ମିଶ୍ର ମଞ୍ଚ ପରିଚାଳନା ଏବଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

# ୧୭ ବର୍ଷରୁ କମ୍ ଓପନ୍ ର୍ୟାଙ୍କିଙ୍ଗ କୁସ୍ତି ପ୍ରତିଯୋଗିତାରେ ଭାଗନେବେ ୪ ପ୍ରତିଯୋଗୀ



ଢେଙ୍କାନାଳ,୩।୬(ସମିସ): ଉତରପ୍ରଦେଶର ଗୋଣ୍ଡରେ ଅବସ୍ଥିତ ନନ୍ଦିନୀ ନଗର ମହାବିଦ୍ୟାଳୟରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ଓପନ ର୍ୟାଙ୍କିଙ୍ଗକୁସ୍ତି ପ୍ରତିଯୋଗୀତାରେ ଢେଙ୍କାନାଳ ନାଠୁଆ ଗ୍ରାମରୁ ୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏହି ପ୍ରତିଯୋଗିତା ଚଳିତ ମାସ ୬,୭,୮ ତିନି ଦିନ ଧରି ହେବାକୁ ଯାଉଛି। ଏମାନଙ୍କ ସହିତ ପୁରୀ ଜିଲାରୁ ୨ ଜଣ ଅଂଶ ଗ୍ରହଣ କରିବା ପାଇଁ କୁସ୍ତି କୋଚ୍ ଆର୍ଯ୍ୟ ପଟ୍ଟନାୟକ ସୂଚନା ଦେଉଛନ୍ତି। ୯୫ କେଜି ବର୍ଗରେ ରଞ୍ଜିତ୍ ନାୟକ, ୪୮ କେଜି ବର୍ଗରେ ବିଶ୍ୱଜିତ୍ ନାୟକ, ୪୩ କେଜି ବର୍ଗରେ ମାନସୀ ଦେହୁରୀ, ୫୭ କେଜି ବର୍ଗରେ ସୁନିତା ବେହେରା, ପୁରୀ ଜିଲ୍ଲାର ବିଶ୍ୱନାଥ ପଣ୍ଡା ୭୧ କେଜୀ, ଇନ୍ଦ୍ରେଶ୍ୱର୍ ମହାପାତ୍ର ୫୧ କେଜି ବର୍ଗରେ ଖେଳିବେ ବୋଲି ଗସ୍ତ କରିଛନ୍ତି। ଆଗରୁ ସମସ୍ତ କୁସ୍ତିବିତ୍ ଅନେକ ଥର ଓଡ଼ିଶା କୁସ୍ତିରେ ଗୋଲ୍ଡ ମେଡାଲ ହାସଲ କରିଛନ୍ତି। ତତ୍‌ସହ ଅନେକ ଥର ଅନ୍ତଃ ରାଜ୍ୟ କୁସ୍ତି ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଛନ୍ତି। ପୂର୍ବ ସଫଳତା ଦେଖି ଉଦୟ ନାଥ ସରକାରୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଅନିତା ବେହେରା, ପୂର୍ବତନ କୁସ୍ତି ଖେଳାଳୀ ଓ ନାଠୁଆ ଗ୍ରାମବାସୀ, ଅଭିଭାବକ ପିଲାମାନଙ୍କୁ ଭଲ ପ୍ରଦର୍ଶନ ପାଇଁ କାମନା କରିଛନ୍ତି।

# ଦ୍ୱିତୀୟ କପିଳାସ ପଥରଗଡ଼ ଅବହେଳିତ

## ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ ଦାବି

ପରଜଙ୍ଗ,୩।୬(ସମିସ)



ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାର ବିଭିନ୍ନ ଧାର୍ମିକ ପୀଠଗୁଡ଼ିକର ଉନ୍ନତୀକରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ ହେଉଥିବା ବେଳେ ଦ୍ୱିତୀୟ କପିଳାସ ମାନ୍ୟତା ପାଇଥିବା ପଥରଗଡ଼ ଅବହେଳିତ ହୋଇ ପଡ଼ିଛି। ପରଜଙ୍ଗ ବ୍ଲକ ମାଣକିମରା ପଞ୍ଚାୟତ କାଦପଡ଼ା ଗ୍ରାମସ୍ଥିତ ପଥରଗଡ଼ଠାରେ ଶିବ, ବିଷ୍ଣୁ, ଜଗନ୍ନାଥ ମନ୍ଦିର ରହିଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ କାହିଁ କେଉଁ କାଳରୁ ବାରୁଆଁ ପାହାଡ଼ ମଧ୍ୟଭାଗରେ ଋଷିମୁନି ତପସ୍ୟା କରୁଥିଲେ। ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ଋଷିକୂଲ୍ୟା ମୁହାଣ ଅନ୍ତର୍ଗତ ପାଇକସାହିର ଶ୍ରୀ ଶ୍ରୀ ମଉନ ବାବା ୧୪ ବର୍ଷ ବୟସରେ ଏଠାକୁ ସାଧନା ପାଇଁ ଆସିଥିଲେ। ସେହି ସ୍ଥାନରେ ଥିବା ସାଧକ ମହନ୍ତଙ୍କ ଦେହାନ୍ତ ପରେ ମଉନ ବାବା ରକ୍ଷଣାବେକ୍ଷଣ ଭାର ସମ୍ଭାଳିଥିଲେ। ବରୁଆଁ ପାହାଡ଼ର ଝରଣା ସାଙ୍ଗକୁ ଚତୁଃପାର୍ଶ୍ୱରେ ସବୁଜିମାର ସୌନ୍ଦର୍ଯ୍ୟ ମଧ୍ୟରେ ଶୈବପୀଠ ଦର୍ଶନ ନିମନ୍ତେ ଭକ୍ତଙ୍କ ସମାଗମ ବୃଦ୍ଧି ପାଇଥିଲା। ଉକ୍ତ ସ୍ଥାନରେ ବାବା ଜଗନ୍ନାଥ, ବିଷ୍ଣୁଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା କରିବା ସହ ତାଳଚେର ମା' ହିଙ୍ଗୁଳା ପୀଠରୁ ଅଗ୍ନି ନେଇ ସେହି ସ୍ଥାନରେ ପୂଜାର୍ଚ୍ଚନା ଆରମ୍ଭ ମଧ୍ୟ କରିଥିଲେ। ଆଜିକୁ ୨୩ ବର୍ଷ ଧରି ମନ୍ଦିରରେ ଅଖଣ୍ଡ ଦୀପ, ଧ୍ୱନି, ହରି ନାମରେ ପ୍ରକମ୍ପିତ ହେଉଛି। ପାହାଡ଼ ଉପରେ ଏକ ସୁଡ଼ଙ୍ଗ ରହିଛି ଯାହାର ଶେଷ କେଉଁଠି ବୋଲି ଆଜି ବି ଅଜ୍ଞାତ ରହିଛି। ଉକ୍ତ ଗୁମ୍ଫା ଭିତରୁ ହରିରାମ ନାମ ଶୁଣିବା ପାଇଁ ମିଳିଥାଏ ଏବଂ ସତ୍‌ମନରେ ଆସିଥିବା ଭକ୍ତକୁ ଭଗବାନ ସପ୍ତଫେଣୀ ନାଗଙ୍କ ଦର୍ଶନ ମିଳିଥାଏ ବୋଲି ସ୍ଥାନୀୟ ବାସିନ୍ଦା କୁହନ୍ତି।

ପ୍ରତ୍ୟେକ ବର୍ଷ ମାଘମାସ ଦ୍ୱାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ୪ ଦିନ ଧରି ପଥରଗଡ଼ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଅହରହ ଅନ୍ନପ୍ରସାଦ ସାଙ୍ଗକୁ ୪୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ଆଗାମନ ହୋଇଥାଏ ବୋଲି ବାବା ଶୁକଦେବ ଦାସ କୁହନ୍ତି। ମଉନ ବାବାଙ୍କ ଦେହାନ୍ତର ଦୀର୍ଘ ୭ ବର୍ଷ ପରେ ମଠର ମହନ୍ତ ଭାବେ ପଙ୍କଜ ନନ୍ଦ ପୁରୀ ଅଭିଷିକ୍ତ ହୋଇଥିଲେ। ବର୍ତ୍ତମାନ ଏହି ସ୍ଥାନରେ ୪ ଜଣ ବାବା ରହୁଛନ୍ତି। ଏଠାକୁ ଆସିବାକୁ ହେଲେ ଭୁବନେଶ୍ୱର-ଢେଙ୍କାନାଳ-କାମାକ୍ଷାନଗର ଦେଇ ପିତିରି ଛକରୁ ୧୪୯ନଂ ଜାତୀୟ ରାଜପଥ ଦେଇ କୁଲେଇସ୍ଥିତ ରେଙ୍ଗାଲି ବାମ ପାର୍ଶ୍ୱ କେନାଲ ରାସ୍ତାର ପଶ୍ଚିମ ଭାଗରେ ପାଖାପାଖି ୧୫ କିଲୋମିଟର ଦୂର ପଡ଼ିଥାଏ। କେନାଲଠାରୁ କାଦପଡ଼ା ଦେଇ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ଉନ୍ନତୀକରଣ ହେବା ସହ ବିଦ୍ୟୁତ ଯୋଗାଣ ସରିଛି। ୨୦୧୧ରେ ଏଠାରେ ଏକ ଜଳ ଯୋଗାଣ ପ୍ରକଳ୍ପ ଉଦଘାଟିତ ହୋଇଥିଲେ ମଧ୍ୟ ବର୍ତ୍ତମାନ ତାହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଅବହେଳା ଯୋଗୁଁ ଏହା ଅକାମି ହୋଇଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପଥରଗଡ଼ ତଥା ପାହାଡ଼ ପାଦଦେଶରେ ବଣଭୋଜି ପାଇଁ ଭିଡ଼ ମଧ୍ୟ ଦେଖିବାକୁ ମିଳିଥାଏ। ଏହି ସ୍ଥାନକୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ ଓ ଏହାର ବିକାଶ କରାଗଲେ ଆଗାମୀ ଦିନରେ ରାଜ୍ୟ ତଥା ଦେଶବିଦେଶର ପର୍ଯ୍ୟଟନଙ୍କ ଭିଡ଼ ଜମିବ ବୋଲି ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଏହି ସ୍ଥାନରେ ପ୍ରଥମେ ଏକ ପଥର ଚଟାଣ ଉପରେ ଫୁଟି ଶିବ ଲିଙ୍ଗ ଆବିର୍ଭାବ ହୋଇ ପଥର ଚଟାଣ ଉପରେ ପୂଜା ପାଉଥିବା ବେଳେ ତତ୍କାଳୀନ ବିଧାୟକ ବିଭୁଦେନ୍ଦ୍ର ପ୍ରତାପ ଦାସଙ୍କ ତତ୍ତ୍ୱାବଧାନରେ ଏକ ଭବ୍ୟ ମନ୍ଦିର ନିର୍ମାଣ ସାଙ୍ଗକୁ ପାହାଡ଼ ପାଦଦେଶରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଥିଲା। ସେହି ସମୟରୁ ଏହି ସ୍ଥାନକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ନିମନ୍ତେ ତତ୍କାଳୀନ ବିଧାୟକ ଦାସ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଥିଲେ ବୋଲି କହିଛନ୍ତି। ସୌନ୍ଦର୍ଯ୍ୟଭରା ସବୁଜ ପରିବେଶ ଭିତରେ ମନୋଲୋଭା ଏହି ସ୍ଥାନର ବିକାଶ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ନୂଆବଜାର ପ୍ରଶସ୍ତୀକରଣ ସହ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଦାବି



ଭୁବନ,୩।୬(ସମିସ): ଶହେ ବର୍ଷ ତଳର ଭୁବନ ନୂଆବଜାରରେ ଦିନକୁଦିନ ଭିଡ଼ ହେଉଥିବାରୁ ଏହାର ପ୍ରଶସ୍ତୀକରଣ ପାଇଁ ଦାବି ହୋଇଛି। ଭୁବନ-ଢେଙ୍କାନାଳ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ବଜାରରେ ବସ ରହଣି ବ୍ୟବସ୍ଥା ଥିବାରୁ ନାହିଁ ନ ଥିବା ଭିଡ଼ ହେଉଛି। ପର୍ବପର୍ବାଣିରେ ବଜାରରେ ଲୋକେ ଚାଲି ଚାଲି ଯିବା କଷ୍ଟ ହେଉଛି। ସେହିପରି ଏହି ବଜାରରେ ଦୀର୍ଘ ୫୨ ବର୍ଷ ତଳେ ଭୁବନ ଏନଏସି ପକ୍ଷରୁ ନିର୍ମାଣ ହୋଇଥିବା ଦୋକାନ ଘରଗୁଡ଼ିକ ବିପଦସଙ୍କୁଳ ହୋଇପଡ଼ିଛି। ତେବେ ବଜାରର ଦକ୍ଷିଣ ପାର୍ଶ୍ୱରେ ପରିତ୍ୟକ୍ତ ଅବସ୍ଥାରେ ଥିବା ସ୍କୁଲ ଓ ପଶ୍ଚିମ ପାର୍ଶ୍ୱରେ ପୁରୁଣା ଥାନାର ଜାଗାକୁ ମିଶାଇ ଏକ ବଡ଼ ବଜାର ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ସହ ବଜାର କମିଟି ନିବେଦନ କରିଛନ୍ତି। ଏପଟେ ଜନସାଧାରଣଙ୍କ ସୁବିଧା ନିମନ୍ତେ କାମାକ୍ଷାନଗର ବିଧାୟକଙ୍କ ସହଯୋଗରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୪/୫ମାସ ତଳୁ ଦୁଇକୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ନିର୍ମାଣ କାର୍ଯ୍ୟ ଆରମ୍ଭରେ ବିଳମ୍ବ ହେବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଜମି ଚିହ୍ନଟ ପାଇଁ ଭୁବନ ତହସିଲକୁ ଚିଠି ହୋଇଛି ଓ ଏହି ପ୍ରକ୍ରିୟା ସରିବା ପରେ ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

